# NATIONAL NEWS BULLETIN (ODIA)

## 5 April - 2024

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ଦାଖଲ ହୋଇଥିବା ନାମାଙ୍କନପତ୍ର ଗୁଡ଼ିକର ଆଜି ଯାଞ୍ଚ କରାଯିବ ।

– ଆସନ୍ତା ୨୬ରେ ହେବ ମତଦାନ ।

- ଗତ ସାଧାରଣ ନିର୍ବାଚନରେ କମ୍ ମତଦାନ ହୋଇଥିବା କେତେ ଜିଲ୍ଲାର ନିର୍ବାଚନ ଅଧିକାରୀ ଏବଂ ୧୨ଟି ମ୍ୟୁନିସିପାଲ୍ କର୍ପୋରେସନ୍‌ର କମିଶନର୍‌ମାନଙ୍କ ସହିତ ନିର୍ବାଚନ ଆୟୋଗ ଆଜି ଏକ ବୈଠକ କରିବେ ।
- କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକୁ ପଶ୍ଚିମବଙ୍ଗରେ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ଅନୁମତି ଦେଉ ନ ଥିବାରୁ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମାଲୋଚନା କରିଛନ୍ତି ।
- ଆଜି ଆଇପିଏଲ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଓ ଚେନ୍ନାଇ ସୁପରକିଙ୍ଗସ୍ ମଧ୍ୟରେ ମୁକାବିଲା ହେବ ।

ଏବଂ

- ଡବ୍ଲ୍ୟୁ.ଟି.ଟି. ଫିଡର୍ ଭାରାଜ୍‌ଡିନ୍ ପ୍ରତିଯୋଗିତାରେ ଭାରତର ୪ ଜଣ ଟେବୁଲ୍ ଟେନିସ୍ ଖେଳାଳି ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି ।

# ନୋମିନେସନ୍

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ଦାଖଲ ହୋଇଥିବା ନାମାଙ୍କନପତ୍ର ଗୁଡ଼ିକର ଆଜି ଯାଞ୍ଚ କରାଯିବ । ତେବେ ଜାମ୍ମୁ କାଶ୍ମୀରରେ ଆସନ୍ତାକାଲି ଏହି ପ୍ରକ୍ରିୟା ହେବ ବୋଲି ଜଣାଯାଇଛି । ଏହି ପର୍ଯ୍ୟାୟ ନିର୍ବାଚନ ଲାଗି ଗତକାଲି ଥିଲା ମନୋନୟନପତ୍ର ଦାଖଲ କରିବାର ଶେଷ ଦିନ । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଲୋକସଭା ଆସନ ଲାଗି ଆସନ୍ତା ୨୬ ତାରିଖ ଦିନ ମତଦାନ ହେବ । ଆଉଟର ମଣିପୁର ଲୋକସଭା ଆସନର କେତେକ ସ୍ଥାନରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ମତଦାନ ହେବାକୁ ଥିବା ବେଳେ ବାକି ସ୍ଥାନରେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ ।

ଏହି ପର୍ଯ୍ୟାୟରେ ବିଭିନ୍ନ ଦଳରୁ ଗତକାଲି ଦାଖଲ କରିଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଉତ୍ତରପ୍ରଦେଶର ମଥୁରା ସଂସଦୀୟ ଆସନ ଲାଗି ବିଜେପି ପକ୍ଷରୁ ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତ୍ରୀ ହେମାମାଳିନୀ

ନାମାଙ୍କନପତ୍ର ଦାଖଲ କରିଥିବା ବେଳେ କର୍ଣ୍ଣାଟକର ମାଣ୍ଡ୍ୟା ଆସନରୁ ଏଚ୍.ଡି. କୁମାରସ୍ୱାମୀ, ତ୍ରିଶୁର୍‌ରୁ ସୁରେଶ ଗୋପୀ, ଓ୍ୱାୟାନାଡ୍‌ରୁ କେ. ସୁରେନ୍ଦ୍ରନ୍ ଏବଂ କେରଳର ଆଲାପୁଝାରୁ କେ.ସି. ବେଣୁଗୋପାଳ ନିଜ ନିଜ ମନୋନୟନପତ୍ର  ଦାଖଲ କରିଛନ୍ତି ।

## ଆସାମ-ନୋମିନେସନ୍

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଆସାମରେ ମୋଟ୍ ୬୫ ଜଣ ପ୍ରାର୍ଥୀ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି । ଆଜି ଏହି ନାମାଙ୍କନପତ୍ର ଗୁଡ଼ିକୁ ଯାଞ୍ଚ କରାଯିବ । ଏହି ପର୍ଯ୍ୟାୟରେ ରାଜ୍ୟର ୫ଟି ସଂସଦୀୟ ଆସନ ଲାଗି ଆସନ୍ତା ୨୬ ତାରିଖ ଦିନ ମତଦାନ କରାଯିବ । ଏହି ପର୍ଯ୍ୟାୟରେ ଆସାମ ପରିବହନ ଓ ଅବକାରୀ ମନ୍ତ୍ରୀ ପରିମଲ ସୁକ୍ଳାବୈଦ୍ୟ, ସାଂସଦ କ୍ରିପାନାଥ ମଲ୍ଲା ଏବଂ ଦିଲ୍ଲୀପ ସାଇକିଆ ବିଜେପି ପକ୍ଷରୁ ଏହି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ବେଳେ ନାଗାଉଁ ଆସନରୁ କଂଗ୍ରେସ ସାଂସଦ ପ୍ରଦ୍ୟୁତ୍ ବୋର୍‌ଦୋଲୋଇଙ୍କୁ ପୁନର୍ବାର ପ୍ରାର୍ଥୀ କରିଛି । ସେହିଭଳି ବୋଡୋଲ୍ୟାଣ୍ଡ ପିପୁଲ୍ସ ଫ୍ରଣ୍ଟ ସାଂସଦ ଦୁର୍ଗାଦାସ ବୋରୋଙ୍କୁ ଟିକେଟ୍ ଦେଇଥିବା ବେଳେ ଏ.ଆଇ.ୟୁ.ଡି.ଏଫ୍.  ଓ ତୃଣମୂଳ କଂଗ୍ରେସ ମଧ୍ୟ ନିଜ ନିଜର ପ୍ରାର୍ଥୀ ଏହି ପର୍ଯ୍ୟାୟ ନିର୍ବାଚନ ଲାଗି ଦେଇଛନ୍ତି ।

## ଇସି ଡିଓ

ନିର୍ବାଚନ ଆୟୋଗ ଆଜି ନୂଆଦିଲ୍ଲୀରେ ନିର୍ଦ୍ଦିଷ୍ଟ କେତେକ ଜିଲ୍ଲାର ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ୧୨ଟି ମ୍ୟୁସିପାଲ୍ କର୍ପୋରେସନ୍‌ର କମିଶନର୍‌ମାନଙ୍କ ସହିତ ଏକ ବୈଠକ କରିବେ । ମିଳିଥିବା ସୂଚନା ଅନୁଯାୟୀ ଆଜିକାର ବୈଠକରେ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ୍, ଅହମ୍ମଦାବାଦ, ପୁନେ, ଥାନେ, ନାଗପୁର, ପାଟନାସାହିବ, ଲକ୍ଷ୍ନୌ ଏବଂ କାନପୁରର ମ୍ୟୁନିସପାଲ୍ କମିଶନର୍‌ମାନେ ଯୋଗଦେବେ । ସେହିଭଳି ଉତ୍ତରପ୍ରଦେଶ ଓ ବିହାରର ଯେଉଁସବୁ ଜିଲ୍ଲାରେ ଗତ ନିର୍ବାଚନରେ କମ୍ ମତଦାନ କରାଯାଇଥିଲା ସମ୍ପୃକ୍ତ ଜିଲ୍ଲାର ନିର୍ବାଚନ ଅଧିକାରୀମାନେ ମଧ୍ୟ ଏହି ବୈଠକରେ ଯୋଗଦେବେ । ଆଗାମୀ ନିର୍ବାଚନରେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଯେଭଳି ମତଦାନ ହାର ଅଧିକରୁ ଅଧିକ ହୋଇପାରିବ ସେଥିଲାଗି ଆବଶ୍ୟକ ପଦକ୍ଷେପ ନେବା ଉପରେ ଏହି ବୈଠକରେ ଆଲୋଚନା କରାଯିବ । ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏବଂ ଶୁଖବୀର ସିଂହ ସାନ୍ଧୁ ମଧ୍ୟ ଯୋଗଦେବେ ।

ଆମ ସମ୍ବାଦଦାତା ଜଣାଇଛନ୍ତି, ୨୦୧୯ ଲୋକସଭା ନିର୍ବାଚନରେ ବିହାର, ଉତ୍ତରପ୍ରଦେଶ, ଦିଲ୍ଲୀ, ମହାରାଷ୍ଟ୍ର, ଉତ୍ତରାଖଣ୍ଡ, ତେଲଙ୍ଗାନା,

ଗୁଜରାଟ, ପଞ୍ଜାବ, ରାଜସ୍ଥାନ, ଜାମ୍ମୁ କାଶ୍ମିର ଓ ଝାଡ଼ଖଣ୍ଡରେ ଜାତୀୟ ମତଦାନ ହାର ଠାରୁ କମ୍ ମତଦାନ କରାଯାଇଥିଲା ।

## ଇସିଆଇ

ଆଗାମୀ ସାଧାରଣ ନିର୍ବାଚନ ଲାଗି ଦୂରଦର୍ଶନ ଏବଂ ଆକାଶବାଣୀରେ ପ୍ରଚାର କରିବା ଲାଗି ସ୍ୱୀକୃତିପ୍ରାପ୍ତ ଜାତୀୟ ରାଜନୈତିକ ଦଳ ଗୁଡ଼ିକ ନିମନ୍ତେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମୟ ନିର୍ଘଣ୍ଟ ସ୍ଥିର କରାଯାଇଛି । ପ୍ରତ୍ୟେକ ଜାତୀୟ ରାଜନୈତିକ ଦଳକୁ ଆକାଶବାଣୀ ଓ ଦୂରଦର୍ଶନରେ ପୃଥକ ପୃଥକ ଭାବେ ପ୍ରଚାର ଲାଗି ୪୫ ମିନିଟ୍ ଲେଖାଏଁ ପ୍ରଦାନ କରାଯାଇଛି । ଏଥିସହିତ ୬ଟି ଜାତୀୟ ରାଜନୈତିକ ଦଳକୁ ଉଭୟ ଆକାଶବାଣୀ ଓ ଦୂରଦର୍ଶନରେ ପ୍ରଚାର ଲାଗି ଅତିରିକ୍ତ ସାଢ଼େ ୫ ଘଣ୍ଟା ଦିଆଯାଇଛି । ଏହି ପ୍ରଚାର ଚଳିତ ମାସ ୧୬ ଓ ୨୩ ତାରିଖ ଦିନ ହେବାକୁ ଥିବାବେଳେ ଆଗାମୀ ମାସ ୩, ୧୦, ୧୭, ୨୨ ଓ ୨୯ ତାରିଖରେ କରାଯିବ ବୋଲି ଆୟୋଗଙ୍କ ପକ୍ଷରୁ ସ୍ଥିର କରାଯାଇଛି ।

## ସାଉଥ୍ ଚେନ୍ନାଇ

ତାମିଲନାଡୁର ରାଜଧାନୀ ଚେନ୍ନାଇରେ ତିନୋଟି ସଂସଦୀୟ ଆସନ ରହିଛି । ସେଗୁଡ଼ିକ ହେଲା ଚେନ୍ନାଇ ଉତ୍ତର, କେନ୍ଦ୍ରୀୟ ଏବଂ ଦକ୍ଷିଣ । ଦକ୍ଷିଣ ଚେନ୍ନାଇ ଆସନରୁ ବିଜୟୀ ହୋଇ ୧୯୫୭ ମସିହାରେ ଟି.ଟି. କ୍ରିଷ୍ଣମଚାରୀ ଦେଶର ଅର୍ଥମନ୍ତ୍ରୀ ରୂପେ ଶପଥ ନେଇଥିଲେ ।

ଏ ସମ୍ପର୍କରେ ଆମ ସମ୍ବାଦଦାତା ଜଣାଇଛନ୍ତି, ଏହି ଲୋକସଭା ଆସନ ଅଧୀନରେ ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି । ସେଗୁଡ଼ିକ ହେଲା ଭୀରୁଗା-ମ୍ବାକାମ୍, ସାଇଡାପେଟ୍, ଥିୟାଗାରାୟା ନଗର, ମିଲାପୋର, ଭେଲାଚେରୀ ଏବଂ ସୋଲିଙ୍ଗା-ନାଲୁର୍ । ୨୦୨୧ ବିଧାନସଭା ନିର୍ବାଚନରେ ଏହି ୬ଟି ଆସନ ମଧ୍ୟରୁ ୫ଟିରେ ଡି.ଏମ୍.କେ. ବିଜୟୀ ହୋଇଥିବା ବେଳେ କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହୋଇଥିଲା ।

## ପିଏମ୍-ବେଙ୍ଗଲ

କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକୁ ପଶ୍ଚିମବଙ୍ଗରେ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ଅନୁମତି ଦେଉ ନ ଥିବାରୁ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମାଲୋଚନା କରିଛନ୍ତି । ଗତକାଲି ପଶ୍ଚିମବଙ୍ଗର କୁଚବିହାର ଠାରେ

ବିଜେପି ପକ୍ଷରୁ ଆୟୋଜିତ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ରାଜ୍ୟକୁ କେନ୍ଦ୍ର ସରକାର ରେକର୍ଡ ପରିମାଣର ଅର୍ଥ ଦେବା ସତ୍ତ୍ୱେ ଅନେକ ଜନକଲ୍ୟାଣକାରୀ ପ୍ରକଳ୍ପ ଗୁଡ଼ିକ ମଧ୍ୟ ସମୟ ଅନୁସାରେ ସମ୍ପୂର୍ଣ୍ଣ ହୋଇପାରୁନାହିଁ । କଂଗ୍ରେସକୁ ଆକ୍ଷେପ କରି ସେ କହିଛନ୍ତି, ଦଶନ୍ଧି ଦଶନ୍ଧି ଧରି ଏହି ଦଳ କେବଳ 'ଗରିବୀ ହଟାଓ' ସ୍ଲୋଗାନ୍ ଦେଇ ଚାଲିଥିବା ବେଳେ ବିଜେପି କଠିନ ପରିଶ୍ରମ କରି ଦେଶରୁ ୨୫ କୋଟି ବ୍ୟକ୍ତିଙ୍କୁ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ନେଇପାରିଛି । ବିଜେପିର କର୍ମକର୍ତ୍ତା ତଥା କର୍ମୀମାନଙ୍କର ଉତ୍ସର୍ଗୀକୃତ ମନୋଭାବ ସହିତ କାର୍ଯ୍ୟ ଲାଗି ଏହା ସମ୍ଭବ ହୋଇପାରିଛି ବୋଲି ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି । ଏଥିସହିତ ପ୍ରଧାନମନ୍ତ୍ରୀ ସନ୍ଦେଶଖାଲି ଅଘଟଣରେ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେଇଥିବା ଲାଗି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି, କେବଳ ବିଜେପି ହିଁ ମହିଳାମାନଙ୍କ ବିରୁଦ୍ଧରେ ହେଉଥିବା ଅତ୍ୟାଚାରକୁ ରୋକିବାରେ ସକ୍ଷମ ହୋଇପାରିବ ।

ଏଠାରେ ସୂଚନା ଦିଆଯାଇପାରେ, ଆଗାମୀ ୧୯ ତାରିଖ ଦିନ ପଶ୍ଚିମବଙ୍ଗର କୁଚ୍‌ବିହାର ସମେତ ଆଲିପୁରଦ୍ୱାର୍ ଏବଂ ଜଳପାଇଗୁଡ଼ି ଲୋକସଭା ଆସନ ଲାଗି ମତଦାନ ହେବ ।

# ନଡ୍ଡା-ଉତ୍ତରାଖଣ୍ଡ

ବିଜେପି ଜାତୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଗତକାଲି ଉତ୍ତରାଖଣ୍ଡର ଇଥୋରାଗଡ଼ ଓ ବିକାଶ ନଗର ଠାରେ ପୃଥକ ପୃଥକ ଜନସଭା ମାଧ୍ୟମରେ ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାର କରିଛନ୍ତି । ଇଥୋରାଗଡ଼ର ଆଲମୋରା ସଂସଦୀୟ ଆସନରୁ ବିଜେପି ପ୍ରାର୍ଥୀ ଅଜୟ ତାମ୍‌ତାଙ୍କ ସପକ୍ଷରେ ପ୍ରଚାର କରି ଶ୍ରୀ ନଡ୍ଡା କହିଛନ୍ତି, ଗତ ଏକ ଦଶନ୍ଧି ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଉତ୍ତରାଖଣ୍ଡ ତଥା ସମଗ୍ର ଦେଶରେ ଉଲ୍ଲେଖନୀୟ ବିକାଶ ସମ୍ଭବ ହୋଇପାରିଛି । ଏକ ବିକଶିତ ଭାରତ ଗଠନ ସ୍ୱପ୍ନକୁ ସାକାର କରିବା ଦିଗରେ ଆଗାମୀ ନିର୍ବାଚନରେ ଜନସାଧାରଣଙ୍କର ମତାମତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସେ କହିଛନ୍ତି । ଦେଶ ଲାଗି କେବଳ ବିଜେପି ହିଁ ବିକାଶମୂଳକ ଯୋଜନା ରଖିଥିବା ବେଳେ ଅନ୍ୟ ଦଳ ଗୁଡ଼ିକ ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହିଛନ୍ତି ବୋଲି ଶ୍ରୀ ନଡ୍ଡା ଅଭିଯୋଗ କରିଛନ୍ତି । ପରେ ଶ୍ରୀ ନଡ୍ଡା ବିକାଶନଗର ଠାରେ ତେହେରି ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେପିର ମାଲାରାଜ୍ୟ ଲକ୍ଷ୍ମୀ ଶାହାଙ୍କୁ ଜିତାଇବା ଲାଗି ଆୟୋଜିତ ଏକ ଜନସମାବେଶରେ ନିବେଦନ କରିଛନ୍ତି । ଏଥିସହିତ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏକ ବିକଶମୁଖୀ ରାଜନୀତିର ନୂତନ ଧାରା ଆରମ୍ଭ ହୋଇଥିବାରୁ ଶ୍ରୀ ନଡ୍ଡା ତାହାର ଉଚ୍ଚ ପ୍ରଶଂସା କରିଛନ୍ତି ।

# ସିବିଡିଟି

କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଟିକସଦାତାଙ୍କୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଚଳିତ ଏପ୍ରିଲ ପହିଲାରୁ ଆୟକର ଦାଖଲ କରିବାର ବ୍ୟବସ୍ଥା କରିଛି।

ଇ-ଫାଇଲିଂ ପୋର୍ଟାଲ ଜରିଆରେ ଟିକସଦାତାମାନେ ଆୟକର ଦାଖଲ କରିପାରିବେ । କଂପାନିଗୁଡ଼ିକ ମଧ୍ୟ ଏହି ପ୍ରକ୍ରିୟାରେ ଆୟକର ପ୍ରଦାନ କରିବେ । ସିବିଡିଟି କହିଛି, ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୩ ହଜାର ଆୟକର ଦାଖଲ ହୋଇସାରିଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ଗୁଜରାଟ ଟାଇଟନ୍ସଙ୍କୁ ତିନି ୱିକେଟ୍‌ରେ ପରାସ୍ତ କରିଛି । ପଞ୍ଜାବ କିଙ୍ଗସ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ଗୁଜରାଟ ଟାଇଟନ୍ସ ପ୍ରଥମେ ବ୍ୟାଟିଂ କରିବ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୧୯୯ରନ୍ କରିଥିଲା । ଦଳ ପକ୍ଷରୁ ଅଧିନାୟକ ଶୁବମନ ଗିଲ୍ ୪୮ଟି ବଲ୍‌ରୁ

୮୯ରନ୍ କରି ଅପରାଜିତ ଥିଲେ । ପଞ୍ଜାବ କିଙ୍ଗସ୍ ପକ୍ଷରୁ କାଗିସୋ ରାବାଡା ଦୁଇଟି ୱିକେଟ୍ ଅକ୍ତିଆର କରିଥିଲେ ।

୨୦୦ରନ୍ ବିଜୟଲକ୍ଷ୍ୟର ପିଛା କରି ପଞ୍ଜାବ କିଙ୍ଗସ୍ ଗୋଟିଏ ବଲ୍ ବାକିଥାଇ ୭ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ୨୯ଟି ବଲ୍‌ରୁ ଅପରାଜିତ ୬୧ରନ୍ କରିଥିବା ପଞ୍ଜାବ କିଙ୍ଗସ୍ ଶଶାଙ୍କ ସିଂହ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ଆଜି ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଓ ଚେନ୍ନାଇ ସୁପରକିଙ୍ଗସ୍ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଖେଳାଯିବ ।

# ଟେବୁଲ୍ ଟେନିସ୍

କ୍ରୋଏସିଆରେ ଚାଲିଥିବା ଡବ୍ଲ୍ୟୁ.ଟି.ଟି. ଫିଡର୍ ଭାରାଜ୍‌ଡିନ୍ ପ୍ରତିଯୋଗିତାରେ ଭାରତର ୪ ଜଣ ଟେବୁଲ୍ ଟେନିସ୍ ଖେଳାଳି ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ପୁରୁଷ ସିଙ୍ଗଲ୍ସ ବର୍ଗରେ ଭାରତର ଜି. ସାଥିୟାନ୍ ଜର୍ମାନ୍‌ର ଫେଲିକ୍ସ ୱେଟ୍‌ଜେଲଙ୍କୁ ୩-୧ରେ ପରାସ୍ତ କରିଥିଲା ବେଳେ ସ୍ନେହିତ୍ ସୁରଭଜ୍ଜୁଲା କାଜାଖସ୍ତାନର ସାଞ୍ଜାର ଝୁବାନୋଭ୍‌ଙ୍କୁ ୩-୦ରେ ପରାସ୍ତ କରିଛନ୍ତି । ସେହିଭଳି ଭାରତର ହରମିତ୍ ଦେଶାଇ ଏହି

ବର୍ଗରେ ଦକ୍ଷିଣ କୋରିଆର ଟୋ କି'ଜିଓଙ୍ଗଙ୍କୁ ୩-୧ ସେଟ୍‌ରେ ପରାସ୍ତ କରିଛନ୍ତି ।

ଅନ୍ୟ ପକ୍ଷରେ ମହିଳା ସିଙ୍ଗଲ୍ସ ବର୍ଗରେ ଭାରତର ଯଶସ୍ୱିନୀ ଭୋରପାଡେ କ୍ରୋଏସିଆର ମାଟେଜା ଜେଗେର୍‌ଙ୍କୁ ୩-୦ ସେଟ୍‌ରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ଆଜି ମିକ୍ସଡ୍ ଡବଲ୍ସ ବର୍ଗରେ ଭାରତର ଜି. ସାଥିୟାନ୍ ଓ ମାନିକ୍ ବାତ୍ରାଙ୍କ ଯୋଡ଼ି ସ୍ଲୋଭାକିଆର ଲୁବୋମିର୍ ପିସ୍ତେଜ୍ ଓ ବାର୍‌ବୋରା ବାଲାଝୋବାଙ୍କ ଯୋଡ଼ିକୁ ପ୍ରି-କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ଭେଟିବେ ।